# Akashvani, Sambalpur

## SAMBALPURI NEWS BULLETIN

### 20 April 2025- 6.47- 6.52 am.

*********************************************

ସୁଭଦ୍ରା ସାହାଜ୍ ଭୁବନେଶ୍ୱର ସମ୍ବାଦଦାତା

ସୁଭଦ୍ରା ଯୋଜ୍‌ନାର୍ ୬ ନମ୍ବର ଖେପ୍ ସାହାଜ୍ ଟଙ୍କା ଆଏବା ୨୪ ତାରିଖ୍ ହିତାଧିକାରୀମାନଙ୍କୁ ଦିଆଯିବା । ୧ ଲାଖ୍ ୭୦ ହଜାର ହିତାଧିକାରୀଙ୍କର ଆକାଉଂଟକେ ଏକାସଙ୍ଗେ ଦୁଇଟା କିସ୍ତିର୍ ସାହାଜ୍ ଟଙ୍କା ଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ । ଇ ବାବ୍‌ଦେ ଗଣମାଧମକେ ସୂଚ୍‌ନା ଦେଇକରି ଶ୍ରୀମତୀ ପରିଡ଼ା କହିଛନ୍, ଇ ବଛର୍ ମାର୍ଚ୍ଚ ୩୧ ତକ୍ ଆବେଦନ୍ କରିଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ଏପ୍ରିଲ ୨୪ ତାରିଖ୍ ପଂଚାୟତିରାଜ୍ ଦିବସ୍ ଅବ୍‌ସରେ ପୁରୀଠାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁଭଦ୍ରା ସାହାଜ୍ ଟଙ୍କା ବାଂଟ୍‌ବେ ।

ମୁଖ୍ୟମନ୍ତ୍ରୀ ସ୍ୱେନ୍ ରାଷ୍ଟ୍ରଦୂତ I&PR

ଭାରତ୍ ନ ଅବସ୍ଥାପିତ ସ୍ପେନ୍‌ର ରାଷ୍ଟ୍ରଦୂତ ଜୁଆନ୍ ଆଂଟୋନିଓ ମାର୍ଚ ପୁଜୋଲ୍ ଗଲା କାଏଲ୍ ଭୁବନେଶ୍ୱର ଲୋକସଭା ଭବନ୍ ନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ । ବୈଠକ୍ ଥି ସ୍ପେନ୍ ଆଉ ଓଡ଼ିଶା ଭିତ୍‌ରେ ସାଂସ୍କୃତିକ୍, ଅର୍ଥନୈତିକ୍ ସମ୍ପର୍କକେ ଆହୁରି ବରକସ୍ କର୍‌ବା ଲାଗି ମୁଖ୍ୟମନ୍ତ୍ରୀ ଜୋର୍ ଦେଇଛନ୍ । ଇ ଅବସର୍‌ରେ ସ୍ପେନ୍ ରାଷ୍ଟ୍ରଦୂତ କହିଛନ୍ ଯେ ଅକ୍ଷୟ ଶକ୍ତି, ମେଟାଲର୍ଜି, ବୟନଶିଳ୍ପ ବାଗିର୍ କ୍ଷେତ୍ର ମାନକେ ଓଡ଼ିଶା ଆଉ ସ୍ପେନ୍ ଭିତ୍‌ରେ ଅଏତ୍‌କା ସହଯୋଗ ହେଇ ପାର୍‌ବା ।

ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ସମ୍ବଲପୁର ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର ଜନଅଭିଯୋଗ ଶୁଣାଣି ଆଏବା କାଏଲ୍ ସମ୍ବଲପୁର ନ ହେବା । ଦୁର୍ଗାପାଲି ଠାନେ ଥିବା ସମ୍ବଲପୁର୍ ମହାନଗର୍ ନିଗମ୍ କାର୍ଯ୍ୟାଳୟ ଠାନେ ଇ ଶୁଣାଣି ହେବା । ଇଥି ୧୦ଟା ଜିଲ୍ଲାର୍ ଲୁକେ ନିଜର୍ ନିଜର୍ ଅଭିଯୋଗ ଧରିକରି ମୁଖ୍ୟମନ୍ତ୍ରୀଙ୍କର୍ ପାଖ୍‌କେ ଆସ୍‌ବେ । ପଞ୍ଜିକୃତ ଆବେଦନ୍‌କାରୀମାନେ ସେମାନ୍‌କର୍ ପଞ୍ଜିକରଣ ପ୍ରାପ୍ତି ପତ୍ର ଆଉ ବ୍ୟକ୍ତିଗତ ପରିଚୟ ପତ୍ର ସଙ୍ଗେ ଅଭିଯୋଗ୍ ପତ୍ର ଧରିକରି

ସଖାଲର୍ ୮ ବଜେ ମହାନଗର୍ ନିଗମ୍ କାର୍ଯ୍ୟାଳୟ ନ ପୁହୁଁଚିବାର୍‌କେ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପୋଷଣ ଅଭିଯାନ-ରାଜ୍ୟ I&PR

ସମୃଦ୍ଧ ରାଜ୍ୟ ଗଠନ୍ ଲାଗି ଓଡ଼ିଶା କେ କୁ ପୋଷଣ ମୁକ୍ତ କର୍‌ବା ଲକ୍ଷ ନେଇକରି ସାରା ରାଏଜେ ପୋଷଣ ପକ୍ଷ ୨୦୨୫ ପାଳନ କରା ଯାଉଛେ । ଇ ଅଭିଯାନ୍ ଥି ହିତାଧିକାରୀମାନଙ୍କର ଆଧାର୍ ଯାଂଚ୍ ୯୯.୯୮ ପ୍ରତିଶତ ହେଇଥିବାର୍ ବେଲେ ସର୍ବଭାରତୀୟ ସ୍ତରଥି ଲଗାତାର୍ ଭାବେ ଓଡ଼ିଶା ପହେଲା ଠାନେ ରହି ଆସୁଛେ । ୬ ବଛର୍ ତକ୍ ଛୁଆମାନକର ଅଭିବୃଦ୍ଧି ନିରୀକ୍ଷଣ ଥି ଭିଲ୍ ୯୯.୮୯ ପ୍ରତିଶତ କରାଯାଇଛେ । ଇହାଦେତକ୍ ପୋଷଣ ପକ୍ଷ ଥି ୩୦ ଲକ୍ଷ ୯୮ ହଜାର ନୁ ଅଏଦ୍‌କା ସଚେତନତା କାର୍ଯ୍ୟକ୍ରମ କରାଯାଇଛେ । ସାରା ରାଏଜେ ୮ ହଜାର ୪ ଶହନୁ ଅଏଦ୍‌କା ଅଙ୍ଗନବାଡି କେନ୍ଦ୍ର ଜ୍ଞାନ କେନ୍ଦ୍ର ଭାବେ କାମ୍ କରୁଛେ । ସେନ୍ତା ସୁ ପୋଷିତ ଗ୍ରାମ ପଂଚାୟତ ଅଭିଯାନ୍ ଥି ୬ ଶହ ୭୪ ଟା ଗ୍ରାମ ପଂଚାୟତ ଚିହ୍ନଟ ହେଇଛେ ।

ଅବିଭାବକ ଶିକ୍ଷକ ବୈଠକ I&PR

ରାଏଜେ୍ ୨୦୨୫-୨୬ ଶିକ୍ଷା ବଛର୍ ପହେଲା ଅବିଭାବକ, ଶିକ୍ଷକ/ଶିକ୍ଷୟିତ୍ରୀ ଆଉ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଗଲା କାଏଲ୍ ହେଇ ଯାଇଛେ । ବୈଠକ୍ ଥି ବିଦ୍ୟାଳୟ ଶିକ୍ଷା ଆଉ ଛାତ୍ରଛାତ୍ରୀମାନଙ୍କର ଗୁଣାତ୍ମକ୍ ଶିକ୍ଷା ଭିନ୍‌ଭିନ୍ ଦିଗ୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ଶିଶୁବାଟିକା ନୁ ମୁଲ୍ କରିକରି ୧୦ କ୍ଲାସ୍ ତକ୍ ଛାତ୍ରଛାତ୍ରୀମାନଙ୍କର ଅବିଭାବକ୍‌ମାନେ ବୈଠକ୍ ଥି ଯୋଗ ଦେଇଥିଲେ । ରାଜ୍ୟସରକାରଙ୍କ ତରଫୁ ହେଇଥିବା ସମ୍ମିଲନୀ ଥି ଶିକ୍ଷା ବିଭାଗର ଅଧିକାରୀମାନେ ଯୋଗ ଦେଇକରି ଶିକ୍ଷାର ଗୁଣାତ୍ମକ ବିକାଶ ଲାଗି ନିଆଯାଉଥିବା ପଦକ୍ଷେପ ମାନଙ୍କର ବାବ୍‌ଦେ ଅବିଭାବକମାନଙ୍କୁ ଜନେଇଥିଲେ ।

ୱେଭସ୍-ଗଣମାଧ୍ୟମ

ଆରଏନ୍‌ୟୁ/ସମ୍ବଲପୁର

ଆଏବା ମେ ୧ ନୁ ୪ ତାରିଖ୍ ତକ୍ ମୁମ୍ବାଇନ ହେବାର୍‌କେ ଥିବା ପହେଲା ବିଶ୍ୱ ଅଡିଓ ଭିଜୁଏଲ୍ ଆଉ ମନୋରଞ୍ଜନ ସମ୍ମିଳନୀ (ୱେଭସ୍) ଆଗୋନୁ କେନ୍ଦ୍ର ସୂଚନା ଓ ପ୍ରସାର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଲା କାଏଲ୍ ଗଣମାଧ୍ୟମର ପ୍ରତିନିଧିମାନଙ୍କର୍ ସଙ୍ଗେ ଆଲୋଚନା କରିଛନ୍ । ଇ ଅବସରେ ମନ୍ତ୍ରୀ କହିଛନ୍ ଯେ, ୱେଭସ୍ ଗଣମାଧ୍ୟମ ଆଉ ମନୋରଞ୍ଜନ ଲାଗି ନିଜ୍‌କେ ଗୁଟେ ବିଶ୍ୱସ୍ତରୀୟ ମଂଚ ଭାବେ ବିକଶିତ୍ କରବା ଲାଗି ଚାହୁଁଛେ । ୱେଭସ୍ ୨୦୨୫ ଲାଗି ଇହାଦେତକ୍ ୧ ଲାକ୍ଷ ନୁ ଅଧିକା ପଞ୍ଜୀକରଣ ହୋଇଥିବା ମନ୍ତ୍ରୀ ସୁଚନା ଦେଇଛନ ।

ଜେଇଇ ପରୀକ୍ଷା ଫଳ ଆର୍‌ଏନ୍‌ୟୁ ସମ୍ବଲପୁର

ନେସନାଲ ଟେଷ୍ଟିଂ ଏଜେନ୍ସି-ଏନ୍‌ଟିଏ ତରଫୁ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ମେନ୍ ସେସନ୍ ୧ ଆଉ ୨ ର ପରୀକ୍ଷା ଫଳ ଗଲା କାଏଲ୍ ବାହାରିଛେ । ୨ ଲାକ୍ଷ ୫୦ ହଜାର ୨ ଶହ ୩୬ ଜଣ ଜେଇଇ ଏଡଭାନ୍ସ ପରୀକ୍ଷା ଥି ଯୋଗ୍ୟ ବିବେଚିତ୍ ହୋଇଛନ୍ । ସର୍ବଭାରତୀୟ ସ୍ତରଥି ୨୪ ଜନ୍ ପରୀକ୍ଷାର୍ଥୀ ୧୦୦

ପ୍ରତିଶତ ମାର୍କା ରଖିଛନ୍ । ଇ ୨୪ ଜନକର ଭିତରେ ଓଡ଼ିଶାର ଓମ୍ ପ୍ରକାଶ ବେହେରା ଠାନ୍ ପାଇଛନ୍ । ଇନ ଜନେଇ ଦିଆଯାଇ ପାରେ ଯେ, ଜେଇଇ ମେନ୍ ସେସନ୍ ୧ ଆଉ ୨ ଜାନୁଆରୀ ଆଉ ଏପ୍ରିଲ୍ ମାସେ ହେଇଥିଲା ।

## ସପନେ ମେଗା ପାନୀୟ ଜଳ ପ୍ରକଳ୍ପ ମନ୍ତ୍ରୀ

ସମ୍ବଲପୁର ସମ୍ବାଦଦାତା

ରେଙ୍ଗାଲି ଇଲାକାନ ସଫା ପିଇବାର୍ ପାଏନ୍ ସମସ୍ୟା କେ ଦୂର୍ କର୍ବା ଲାଗି ସପନେ ମେଗା ପାନୀୟ ଜଳ ପ୍ରକଳ୍ପ କେ ଗଲା କାଏଲ୍ ଗ୍ରାମ୍ୟ ଉନ୍ନୟନ ପଂଚାୟତିରାଜ ଆଉ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ସମୀକ୍ଷା କରିଛନ୍ । ୨ ବଛର୍ ତଳେ ଇ ପ୍ରକଳ୍ପ କାମ ମୂଲ୍ ହେଇଥିଲା । ଇଟା ପୁରା ହେଲେ ରେଙ୍ଗାଲି ବ୍ଲକ୍ ସହେତେ ଧନକଉଡ଼ା, ମାନେଶ୍ୱର, ଜମେନକିରା ଆଉ ଝୁଝୁମୁରା ବ୍ଲକ୍ର ଭିନ୍ ଭିନ୍ ଇଲାକାକେ ଜଳ ଯୋଗାଣ ହେଇ ପାର୍ବା ।

କଲିଙ୍ଗ ସୁପର୍‌କପ୍ ଫୁଟବଲ୍ I&PR

ଦେଶର ବଛାବଛା ୧୫ ଟା ଫୁଟ୍‌ବଲ୍ ଦଲକେ ନେଇକରି ଆଏଜ୍‌ଠାନୁ ଭୁବନେଶ୍ୱର କଲିଙ୍ଗଷ୍ଟାଡିୟମ ଠାନେ କଲିଙ୍ଗ ସୁପର୍ କପ୍ -୨୦୨୫ ଟୁର୍ଣ୍ଣାମେଂଟ ମୂଲ୍ ହେବା । ରାଜ୍ୟ କ୍ରୀଡ଼ା ବିଭାଗ ଆଉ ସର୍ବଭାରତୀୟ ଫୁଟବଲ୍ ସଂଘର୍ ମିଳିତ୍ ସହଯୋଗ ଥି ହେବାର କେ ଥିବା ଟୁର୍ଣ୍ଣାମେଂଟ୍ ଥି ଆଇଏସଏଲ୍‌ର ୧୩ ଟା ଆଉ ଆଇ-ଲିଗ୍ ର ୨ଟା ଦଳ ଭାଗ ନେଉଛନ୍ । ଟୁର୍ଣ୍ଣାମେଂଟ୍ ମେ ୩ ତାରିଖ ତକ୍ ଚାଲବା ।

ପାଣିପାଗ ଆର୍‌ଏନ୍‌ୟୁ/
ସମ୍ବଲପୁର

କଳାହାଣ୍ଡି, ନୂଆପଡା, ବଲାଙ୍ଗିର, ସୁନ୍ଦରଗଡ ସହେତେ ରାଜ୍ୟ ୨୪ଟା ଜିଲ୍ଲାନ ଆଏଜ୍ ଧୁକାଗର୍ଜି ସହେତେ ହାଲ୍‌କା ବର୍ଷା ହେଇପାରେ । ସୁନ୍ଦରଗଡ, ନୂଆପଡା, କଳାହାଣ୍ଡି ସହେତେ ୧୦ଟା ଜିଲ୍ଲାକେ ଜବର ଧୁକାଗର୍ଜି ଆଉ ବର୍ଷା ନେଇକରି

ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ତରଫରୁ ସତର୍କ କରାଯାଇଛି ।